## ଆର୍‌ଏସ୍‌ଏସ୍ ପୂର୍ବତନ ସଂଘ ଚାଳକଙ୍କ ପରଲୋକ

ଫୁଲବାଣୀ, (ରାକେଶ କୁମାର ରାଉତ): କନ୍ଧମାଳ ଜିଲାର ପୂର୍ବତନ ଆର୍‌ଏସ୍‌ଏସ୍ ସଂଘ ଚାଳକ ରମେଶ ଚନ୍ଦ୍ର ସାହୁ(୭୯)ଙ୍କ ପରଲୋକ ଘଟିଛି । ସେ ଦୀର୍ଘଦିନ ଧରି ରୋଗରେ ପଡ଼ି ଚିକିତ୍ସିତ ହେଉଥିଲେ । ତାଙ୍କ ମୃତ୍ୟୁରେ ସଂଘ ସମେତ ଫୁଲବାଣୀ ସହରରେ ଶୋକର ଛାୟା ଖେଳିଯାଇଛି। ସେ ପୂର୍ବରୁ ସଂଘର କନ୍ଧମାଳ ଜିଲା କାର୍ଯ୍ୟବାହ, ସଂଘ ଚାଳକ, ବଲାଙ୍ଗୀର ବିଭାଗ ସଂଘ ଚାଳକ ସହ ଅନ୍ୟାନ୍ୟ ଦାୟିତ୍ୱରେ ଥିଲେ। ଦେଶରେ ଜରୁରିକାଳୀନ ପରିସ୍ଥିତିରେ ତାଙ୍କୁ ଅଢ଼େଇ ବର୍ଷ ଜେଲ୍ ଭୋଗିବାକୁ ପଡ଼ିଥିଲା । ରମେଶଙ୍କ ମୃତ୍ୟୁ ଖବର ପାଇ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ ।



### ସଂକ୍ଷେପରେ

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ସୁପରିଣ୍ଟେଣ୍ଡେଣ୍ଟ

ଛତ୍ରପୁର, ୨୫।୧୧(ସନ୍ତୋଷ ପାଢ଼ୀ)

ଛତ୍ରପୁର ବ୍ଲକ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ସୁପରିଣ୍ଟେଣ୍ଡେଣ୍ଟ ଭାବେ ଡାକ୍ତର ସ୍ୱାଧୀନ ରଥ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ନୂତନ ସୁପରିଣ୍ଟେଣ୍ଡେଣ୍ଟ ରଥଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଓ ପୂର୍ବତନ ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ସୌମ୍ୟକାନ୍ତ ମହାପାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଡାକ୍ତର ଅଜିତ ନାୟକ, ଡାକ୍ତର ବରୁଣ ବିଶ୍ୱାଳ, ଡାକ୍ତର ଚନ୍ଦ୍ରଶେଖର ମିଶ୍ର, ବିପିଏମ ସୀମାଞ୍ଚଳ ନାୟକ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବରୁଣ ପାଣିଗ୍ରାହୀ, ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ଅଧିକାରୀ ପୂଜା ବିଶ୍ୱାଳ, ଦେବେନ୍ଦ୍ରନାଥ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ନାବାଳିକାଙ୍କୁ ଅପହରଣ, ଅଭିଯୁକ୍ତ ଗିରଫ

ହିଞ୍ଜିଳିକାଟୁ,୨୫।୧୧(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ଅପହରଣ କରିବା ଅଭିଯୋଗରେ ସାଢ଼େ ୪ମାସ ପରେ ଅଭିଯୁକ୍ତଙ୍କୁ ଆନ୍ଧ୍ରପ୍ରଦେଶରୁ ପୋଲିସ ଗିରଫ କରିଛି। ଗିରଫ ଜଣକ ହେଲେ ବ୍ରହ୍ମପୁର ସଦର ଥାନା ଅଲାରିଗଡ଼ ଗ୍ରାମର କୃଷ୍ଣ ସ୍ୱାଇଁ (୨୩)। ଜୁଲାଇ ୨ ତାରିଖରୁ ହିଞ୍ଜିଳି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରି ଆନ୍ଧ୍ରପ୍ରଦେଶରେ ରଖିଥିଲେ। ଏନେଇ ହିଞ୍ଜିଳି ଥାନାରେ ନାବାଳିକାଙ୍କ ବାପାଙ୍କ ଅଭିଯୋଗ କ୍ରମେ ୫୯୩/୨୪ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଥିଲା।

## କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା

ଆସିକା,୨୫।୧୧(ସୁରେନ୍ଦ୍ର ନାଥ ସାହୁ):

ଆସିକା ବ୍ଲକର ନିମିନା ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ନିମିନାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର କୃତୀ ଛାତ୍ର ଚନ୍ଦ୍ରଶେଖର ଜେନାଙ୍କୁ ପଞ୍ଚାୟତ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଚନ୍ଦ୍ର ଶେଖରଙ୍କ ଏହି କୃତିତ୍ୱ ଜିଲା ତଥା ନିମିନା ପଞ୍ଚାୟତବାସୀଙ୍କ ପାଇଁ ଗୌରବର ବିଷୟ ବୋଲି ସରପଞ୍ଚ ବିଦ୍ୟାନ୍ତ କୁମାର ଚର୍ଚ୍ଚି ପ୍ରକାଶ କରିବା ସହ ମାନପତ୍ର ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିର୍ବାହୀ ଅଧିକାରୀ ସଙ୍ଗୀତା ନାୟକ, ଜିଆରଏସ ଦୁଷ୍ମନ୍ତ କୁମାର ଜେନା, ରିନା ଚର୍ଚ୍ଚି, ଦର୍ପଦଳନ ଚର୍ଚ୍ଚି, କୋରେଶ ଜେନା, ଲିଟୁ ନାୟକ, ଅଶୋକ ସ୍ୱାଇଁ, ସଂଗ୍ରାମ ବିଷୋୟୀ, ଆଶିଷ କୁମାର ଚର୍ଚ୍ଚି, ଶଙ୍କର ନାହାକ, ବଳରାମ ସାହୁ, ସୁଧୀର ଚର୍ଚ୍ଚି ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ରାଜ୍ୟସ୍ତରୀୟ ସୁରଭିରେ ଗଞ୍ଜାମ ଜିଲ୍ଲାରୁ ପ୍ରତିନିଧିତ୍ୱ କରି କୁଇଜ ଓ ମାନସିକ ଦକ୍ଷତା ପରୀକ୍ଷାରେ ଚନ୍ଦ୍ରଶେଖର ପ୍ରଥମ ସ୍ଥାନ ଅଧିକାର କରିଥିଲା ବେଳେ ଇଂରାଜୀ ପ୍ରହେଳିକା ଓ ଓଡିଆ ଅସ୍ମିତା ଉପରେ ସ୍ଲୋଗାନ ପ୍ରତିଯୋଗିତାରେ ମଧ୍ୟ ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରିଥିଲେ।

## ବ୍ଲକସ୍ତରୀୟ ଭତ୍ତା ବଣ୍ଟନ ଶିବିର

ପାତ୍ରପୁର,୨୫।୧୧ (ଉମା ଚରଣ ନେପାକ)

ପାତ୍ରପୁର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ନୂତନ ଭାବେ ମଞ୍ଜୁର ହୋଇଥିବା ୩୧୧ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରକୃତ ହିତାଧିକାରୀ ଯେପରି ଭତ୍ତା ପାଇପାରିବେ ସେନେଇ ସେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ବିଧାୟକ ହେବାପରେ ସାମନ୍ତରାଙ୍କ ପାତ୍ରପୁର ବ୍ଲକରେ ଏହା ପ୍ରଥମ କାର୍ଯ୍ୟକ୍ରମ ଥିଲା। ଏଥିରେ ପାତ୍ରପୁର ବ୍ଲକ ଅଧ୍ୟକ୍ଷା ୱାଇ ସଞ୍ଜୁକ୍ତା ରେଡ୍ଡୀ, ତହସିଲଦାର ଅଶୋକ ପଟ୍ଟନାୟକ, ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୟାମଘନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଶାସନ ନୀରବଦ୍ରଷ୍ଟା

■ଆବର୍ଜନାରେ ଭର୍ତ୍ତି ସାହି ରାସ୍ତା, ନଦୀ ପଠା


ପଲିଥିନ୍ ଓ ଅଳିଆ ଆବର୍ଜନା

ମୋହନା,୨୫।୧୧(ମନ୍ମଥ ମିଶ୍ର)

ମୋହନା ମହକୁମାର ସାହି ରାସ୍ତା ଉପରେ, ସଡ଼କ ପାର୍ଶ୍ୱରେ, ଡ୍ରେନ୍ ଭିତରେ ଏବଂ ନଦୀ ପଠାରେ ଭରି ରହିଛି କୁଢ଼କୁଢ଼ ଅଳିଆ ଆବର୍ଜନା। ଫଳରେ ପରିବେଶ ପ୍ରଦୁଷିତ ହେବାରେ ଲାଗିଛି। ମଶା ମାଛିଙ୍କ ପ୍ରାଦୁର୍ଭାବ ବଢ଼ିବା ସହିତ ଡେଙ୍ଗୁ ଭୟ ମଧ୍ୟ ବଢ଼ିବାରେ ଲାଗିଛି। ଏଭଳି ସମସ୍ୟା ଯୋଗୁଁ ପଞ୍ଚାୟତର କିଛି ଲୋକ ଡେଙ୍ଗୁରେ ମୃତ୍ୟୁବରଣ ମଧ୍ୟ କରିଛନ୍ତି। ଖ୍ରୀଷ୍ଟିଆନ୍ ସାହି, ମାଣିକେଶ୍ୱରୀ ସାହି, ପୁରୁଣା ଶଙ୍ଖ ସାହି, ନାରାୟଣ ନଗର ଓ ଶ୍ରୀରାମ ନଗର ସାହିକୁ ଯିବା ରାସ୍ତାପାର୍ଶ୍ୱ, ନଦୀପଠା ଏବଂ ନଦୀକୁ ଯିବା ରାସ୍ତା ଉପରେ କୁଢ଼କୁଢ଼ ପଲିଥିନ୍ ସହ ଅଳିଆ ଆବର୍ଜନା ଜମା ହୋଇରହୁଛି। ବ୍ୟବହାର ହେବାପରେ ବର୍ଜ୍ୟବସ୍ତୁ ଆଣି ଲୋକେ ମନଇଚ୍ଛା ପକାଉଛନ୍ତି। ଫଳରେ ନଦୀ ପାଣି ଦୁଷିତ ହେବାରେ ଲାଗିଛି। ଶ୍ରୀରାମ ନଗରର ଶେଷ ଭାଗରେ ନଦୀକୁ ଯିବା ରାସ୍ତା ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହେଉଛି। ଯାହାକୁ ନେଇ ଯାତାୟତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ସାହିକୁ ଗମନାଗମନ କରିବା ବେଳେ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ମଇଳା ପଦାର୍ଥକୁ ଡ୍ରେନ୍ ଭିତରେ ପକାଇବା ଫଳରେ ଡ୍ରେନ୍ ଗୁଡ଼ିକ ପୋତି ହୋଇଗଲାଣି। ଘରର ମଇଳା ଜଳ ସଠିକ୍ ଭାବେ ନିଷ୍କାସନ ହୋଇନପାରି ପୂର୍ତ୍ତି ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଏଣୁ ପ୍ରଶାସନ ତୁରନ୍ତ ଏ ଦିଗରେ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏ ସମ୍ପର୍କରେ ମୋହନା ନାଏବ ସରପଞ୍ଚ ରସାନନ୍ଦ ପାଣି କହିଛନ୍ତି ପ୍ରଶାସନ ଆମ କଥାକୁ କର୍ଣ୍ଣପାତ କରୁନଥିବା ଯୋଗୁଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଡ଼ିଓ ରାଜୀବ ଦାଶ ଜିଲା ପ୍ରଶାସନିକ ଅଧିକାରୀଙ୍କ ସହିତ ଆଲୋଚନା କରି ଯଥାଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

## ଦର୍ଶକଙ୍କ ଗହଣରେ ଫିଲ୍ମ ଦେଖିଲେ ହିରୋ


ପ୍ରେକ୍ଷାଳୟ ପରିସରରେ ଓମ୍‌କାରଙ୍କ ସହ ସେଲଫି ନେଉଛନ୍ତି ଦର୍ଶକ।

ଫୁଲବାଣୀ, ୨୫।୧୧(ରାକେଶ କୁମାର ରାଉତ)

ଓଡିଆ ଚଳଚ୍ଚିତ୍ର 'ପ୍ରେମୀ ଆୱାର' ସୋମବାର ଫୁଲବାଣୀର ଚଳଚ୍ଚିତ୍ର ପ୍ରେକ୍ଷାଳୟରେ ରିଲିଜ୍ ହୋଇଛି। ଏହି ଅବସରରେ ଚଳଚ୍ଚିତ୍ରରେ ଅଭିନୟ କରିଥିବା ହିରୋ ଓମ୍‌କାର ଆଚାର୍ଯ୍ୟ ଏଠାକୁ ଆସି ଦର୍ଶକଙ୍କ ଗହଣରେ ଫିଲ୍ମ ଦେଖିଛନ୍ତି। ଚଳଚ୍ଚିତ୍ର ଦେଖିବା ପରେ ସିନେପ୍ରେମୀ ଏହାକୁ ପସନ୍ଦ କରିଛନ୍ତି। ସମ୍ପୂର୍ଣ୍ଣ ପ୍ରେମ କାହାଣୀକୁ ନେଇ ଏହି ଚଳଚ୍ଚିତ୍ରର ବିଷୟ ବସ୍ତୁ ଗତି କରିଛି । ସଂଗୀତ ବେଶ ମନଛୁଆଁ ହୋଇଛି ବୋଲି ଦର୍ଶକ କହିଛନ୍ତି। ହିରୋ ଓମ୍‌କାରଙ୍କୁ ଦେଖିବାକୁ ଦର୍ଶକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା । ଅନେକ ତାଙ୍କ ସହ ସେଲଫି ଉଠାଇଥିଲେ । ଏହି ଚଳଚ୍ଚିତ୍ର ସପ୍ତାହେ ଧରି ଚାଲିବ।

# କିରିକୁଟିରେ ରାଜସ୍ୱ ମେଳା

### ୭୮ ଜଣଙ୍କୁ ଭୂ-ଲେଖ ରେକର୍ଡଭୁକ୍ତ ଜଙ୍ଗଲଜମି ବଣ୍ଟନ



ରାଜସ୍ୱ ମେଳାରେ ଉପସ୍ଥିତ ଅଧିକାରୀ।

ଦାରିଙ୍ଗବାଡ଼ି,୨୫।୧୧ (ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ତହସିଲ ଅନ୍ତର୍ଗତ କିରିକୁଟି ପଞ୍ଚାୟତ କାର୍ଯ୍ୟାଳୟରେ ରାଜସ୍ୱ ମେଳା ତହସିଲଦାର ଶରତ ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ତଥା ଜମିଜମା ସମ୍ପର୍କିତ ସୁବିଧା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ଜମିଜମା ସମ୍ପର୍କିତ ସମସ୍ୟା ସମ୍ପର୍କରେ ଅଭିଯୋଗ ଶୁଣାଣି କରାଯାଇଥିଲା। ସେହିପରି ଜଙ୍ଗଲ ଜମି ପଟ୍ଟା ପୂର୍ବରୁ ସେମିତି ବଣ୍ଟନ କରାଯାଇଥିଲା। ରାଜ୍ୟ ସରକାର ଭୂ-ଲେଖ ରେକର୍ଡଭୁକ୍ତ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରୁଛନ୍ତି ତେଣୁ ଜମି ପଟ୍ଟାକୁ ନେଇ ଆଉ କୌଣସି ସମସ୍ୟା ରହିବ ନାହିଁ ବୋଲି ତହସିଲଦାର କହିଥିଲେ। କିରିକୁଟି ଓ ବୁରାଙ୍ଗିଆ ମୌଜାର ୭୮ ଜଣଙ୍କୁ ଭୂ-ଲେଖ ରେକର୍ଡଭୁକ୍ତ ଜଙ୍ଗଲଜମି ବଣ୍ଟନ କରାଯାଇଥିଲା। ବୁରାଙ୍ଗିଆ ମୌଜାର ୩୬ ଜଣ ଏବଂ କିରିକୁଟି ମୌଜାର ୪୨ଜଣ ହିତାଧିକାରୀଙ୍କୁ ଜମିପଟ୍ଟା ବଣ୍ଟନ କରାଯାଇଥିଲା। ସେହିପରି ଗୋଷ୍ଠୀ ଜଙ୍ଗଲଜମିର ସୁରକ୍ଷା ନେଇ ପରାମର୍ଶ ଦିଆଯାଇଥିଲା। ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ବିପର୍ଯ୍ୟସ୍ତ ସମୟରେ କିଭଳି ସରକାରଙ୍କ କ୍ଷତି ପୂରଣ ଦେବା ନିୟମ ରହିଛି ସେ ସମ୍ପର୍କରେ କୁହାଯାଇଥିଲା। କାର୍ଯ୍ୟକ୍ରମରେ କିରିକୁଟି ସରପଞ୍ଚ ମଧୁସ୍ମିତା ପ୍ରଧାନ, ସମିତିସଭ୍ୟା ଜ୍ଞାନୀସୁନ୍ଦରୀ ନାୟକ, କନ୍ଧମାଳ ଏମ୍‌ପିଙ୍କ ଦାରିଙ୍ଗବାଡ଼ି ପ୍ରତିନିଧି ବିଷ୍ଣୁ ଚରଣ ପ୍ରଧାନ, ଜି.ଉଦୟଗିରି ବିଧାୟକଙ୍କ ପ୍ରତିନିଧି ପିଟର ଦିଗାଲ, ପ୍ରଭଞ୍ଜନ ନାୟକ, ରାଜସ୍ୱ ନିରୀକ୍ଷକ ବଣିଆ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଅଲିଭ ରିଡ୍‌ଲେଙ୍କ ପାଇଁ ବେଳାଭୂମି ସଫେଇ

ଗଞ୍ଜାମ,୨୫।୧୧(ବିଦ୍ୟାଧର ସାହୁ):

ଅଲିଭ ରିଡଲେ କଇଁଛଙ୍କ ସୁରକ୍ଷିତ ଗଣ ଅଣ୍ଡାଦାନ ପାଇଁ ସୋମବାର ଋଷିକୁଲ୍ୟା ମୁହାଁଣ ସମୁଦ୍ର ବେଳାଭୂମି ସଫେଇ କରାଯାଇଛି। ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତର ପୋଡ଼ମପେଟା ବେଳାଭୂମିରେ ଛତ୍ରପୁର ଓଏସ୍ଏପି ଅଷ୍ଟମ ବାଟାଲିୟନ, ଟାଟା ଷ୍ଟିଲ ଫାଉଣ୍ଡେଶନ, ରାମଚଣ୍ଡୀ ପୂଜା କମିଟି ଓ ସେବା ପ୍ରତିନିଧି ସଙ୍ଗଠନର ମିଳିତ ଉଦ୍ୟମରେ ସଫେଇ କରାଯାଇଥିଲା। ଟାଟା ଷ୍ଟିଲ ଫାଉଣ୍ଡେଶନର ବନ୍ୟଜନ୍ତୁ ସଂରକ୍ଷଣ ପରିଚାଳକ ଡ଼. ସୁବ୍ରତ ଦେବତା, ସହକାରୀ ପରିଚାଳକ ରାଜେଶ୍ୱରୀ ଗୌଡ଼, ଅଶ୍ୱିନୀ ପୃଷ୍ଟି, ବାଟାଲିୟନ କମାଣ୍ଡାଣ୍ଟ ଶାରଦା ପ୍ରସାଦ ଦାସ, ସହ ଦୁର୍ଗପତି ଜ୍ୟୋତି ନାୟକ, ସୁବେଦାର ଯୁଧିଷ୍ଠିର ରେଡ୍ଡୀ, ସୁବ୍ରତ ଗୌଡ଼, ପ୍ରଶାନ୍ତ ତ୍ରିପାଠୀ ରଞ୍ଜନ ଜେନା, ଛତ୍ରପୁର ଏସ୍‌ଡ଼ିଜେଏମ କୋର୍ଟରେ କ୍ୟାଡ଼ର ଏପିପି ରାଜେଶ ମିଶ୍ର, ସମାଜିକ କର୍ମୀ ମନୋଜ ମିଶ୍ର, ଟୁଟୁ ନାୟକ, ଏସ. ରବି, ରାଜେଶ ପାତ୍ର, ଦିନେଶ ମହାନ୍ତି, ଦୀପକ ବେହେରା, ମାଧବ ସାସମଲ, ନାରାୟଣ ସାହୁ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

## ରାମଚଣ୍ଡୀ ପୀଠରେ ନୃତ୍ୟଗୁରୁ ସମ୍ବର୍ଦ୍ଧିତ



ନୃତ୍ୟଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଛତ୍ରପୁର,୨୫।୧୧ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ଓଡ଼ିଆ ସିନେମା ଜଗତରେ ଚହଳ ପକାଇଥିବା ଫିଲ୍ମ 'କର୍ମ'ର ଚିରିଂ ଚିରିଂ ଓ ମାଲ୍ୟଗିରିର ଧୁଳିଆ ଜହ୍ନ ଗୀତ ପ୍ରଚ୍ଛଦପଟର ନୃତ୍ୟଗୁରୁ ଏବଂ ନିର୍ଦ୍ଦେଶକ ଅମିତ କୁମାର ନାୟକ ରାମଚଣ୍ଡୀଙ୍କ ପୀଠକୁ ଆସି ମା'ଙ୍କ ଦର୍ଶନ କରିଥିଲେ। ଏଥିସହ ମନ୍ଦିର ବିଷୟରେ ମନ୍ଦିର ପୂଜା କମିଟିର ସଦସ୍ୟ ସୁଧୀର ମହାରଣା ଓ ବରୁଣ ଚୌଧୁରୀଙ୍କଠାରୁ ପଚାରି ବୁଝିଥିଲେ। ମନ୍ଦିର ପୂଜା କମିଟିର ଉପଦେଷ୍ଟା ତଥା ଛତ୍ରପୁର ଏସଡ଼ିଜେଏମ କୋର୍ଟର କ୍ୟାଡ଼ର ଏପିପି ରାଜେଶ କୁମାର ମିଶ୍ର ମା' ରାମଚଣ୍ଡୀ ମନ୍ଦିର ତରଫରୁ ତାଙ୍କୁ କମିଟିର ଅନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧିତ କରିଥିଲେ। ଆଗକୁ ମା'ଙ୍କ ପୀଠରେ କିପରି ଓଡ଼ିଆ ଗୀତ ଓ ଚଳଚ୍ଚିତ୍ର ସୁଟିଂ କରାଯାଇପାରିବ ସେ ନେଇ ଆଲୋଚନା କରିଥିଲେ। ଏହାପରେ ଛତ୍ରପୁର ନୃତ୍ୟ ନିର୍ଦ୍ଦେଶକ ସଂଘର ଉପସଭାପତି ପ୍ରଶାନ୍ତ କୁମାର ପଟ୍ଟନାୟକ, କାର୍ଯ୍ୟକାରୀ ସଦସ୍ୟ ଏମ. ରବୀନ୍ଦ୍ର ରେଡ୍ଡୀ ଏବଂ ଟି.ସୁରେଶ ରାଓଙ୍କୁ ସମ୍ମାନିତ କରିବା ସହ କିପରି ଗଞ୍ଜାମର କଳାକାରଙ୍କୁ ଓଡ଼ିଆ ସିନେ ଜଗତରେ ସୁଯୋଗ ମିଳିପାରିବ, ସେ ନେଇ ଆଲୋଚନା କରିଥିଲେ । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କରପଡ଼ା ସରପଞ୍ଚ ଅଜୟ ନାୟକ, ସମାଜିକ କର୍ମୀ ମନୋଜ ମିଶ୍ର, ଓକିଲ ଲସିତ ବେହେରା, ଦୀପକ ବେହେରା, ଦିନେଶ ମହାନ୍ତି, ନାରାୟଣ ସାହୁ, ଏସ. ରବି, ମାଧବ ସାସମଲ, ଉପେନ୍ଦ୍ର ବେହେରା, ଟୁଟୁ ନାୟକ, ରାଜେଶ ପାତ୍ର, ମୁନା ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋରୀବନ୍ଧାରେ ୫୩ ଅଭିଯୋଗ ଶୁଣାଣି କଲେ ଜିଲାପାଳ



ଶୁଣାଣିରେ ଉପସ୍ଥିତ ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀମାନେ।

ପାରଳାଖେମୁଣ୍ଡି,୨୫।୧୧(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା କାଶୀନଗର ବ୍ଲକ ଅନ୍ତର୍ଗତ ଗୋରୀବନ୍ଧା ପଞ୍ଚାୟତ ସମ୍ମିଳନୀ କକ୍ଷରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଜୟ କୁମାର ଦାଶ, ଏସ୍‌ପି ଯତୀନ୍ଦ୍ର ପଣ୍ଡାଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଗୋରୀବନ୍ଧା ପଞ୍ଚାୟତ ସମେତ ଶିଆଳି, କିଡିଗାଁ ଓ ବୁଦୁରା ପଞ୍ଚାୟତରୁ ମୋଟ ୫୩ଟି ଅଭିଯୋଗ ଶୁଣାଣି ପାଇଁ ଆସିଥିଲା। ସେଥିରୁ ବ୍ୟକ୍ତିଗତ ଅଭିଯୋଗ ୩୪ଟି,ଗ୍ରାମଭିତ୍ତିକ ସମସ୍ୟା ମୂଳକ ଅଭିଯୋଗ ୧୯ଟି ଥିଲା। ପ୍ରଧାନମନ୍ତ୍ରୀ ଆବାସୀ ଯୋଜନା, ସାମାଜିକ ସୁରକ୍ଷା, ଜମି ପଟ୍ଟା, ଏମ୍‌ଜିଏନ୍‌ଆରଇଜିଏସ୍, ଗୃହ ନିର୍ମାଣ, ରାଶନ କାର୍ଡ, ଶିକ୍ଷା, ଜଳସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ବୋଲି ବିଭିନ୍ନ ଅଭିଯୋଗ ଅନୁଧ୍ୟାନ କରି ତୁରନ୍ତ ଏହାର ସମାଧାନ କରିବାକୁ ଜିଲାପାଳ ଦାଶ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶୁଣାଣିରେ ଜିଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, କାଶୀନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ବାଲା ସାୟାମା, ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର,ବିଡ଼ିଓ ଉମ୍ବରୁଧର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ୩୧ ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା

ଜି.ଉଦୟଗିରି,୨୫।୧୧(ଚିନ୍ମୟ କୁମାର ସେଠୀ)–

ଜି.ଉଦୟଗିରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ତହସିଲଦାର ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଗ୍ରେସିଙ୍ଗିଆ ପଞ୍ଚାୟତରେ ୩୧ ଜଣ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯାଇଛି। ୨୦୦୮ରେ ଦାବି ହୋଇଥିବା ଜଙ୍ଗଲ ଜମିଗୁଡ଼ିକର ସରକାରଙ୍କ ପକ୍ଷରୁ ଜଙ୍ଗଲ ଅଧିକାର ଆଇନ ଏବଂ ସଂଶୋଧିତ ନିୟମ ୨୦୧୨ ଅନୁସାରେ ଦାବି କରାଯାଇଥିବା ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କୁ ବ୍ୟକ୍ତିଗତ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି। ଉକ୍ତ ଜଙ୍ଗଲ ଜମିରେ ଜୀବନ ଜୀବିକାରେ ଉନ୍ନତି ଓ ଖାଦ୍ୟ ସୁରକ୍ଷା ପାଇଁ ବିଭିନ୍ନ ଫଳ ବଗିଚା, ପ୍ରାଣ ପାଳନ, ଚାରାରୋପଣ ଓ ପରିବା ଚାଷ ଆଦି କରିବା ଲାଗି ସେମାନଙ୍କୁ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ସରପଞ୍ଚ ତ୍ରିଶିଳା ପ୍ରଧାନ, ୱାର୍ଡ଼ ସଭ୍ୟ କେଶବ ପ୍ରଧାନ, ରାଜସ୍ୱ ନିରୀକ୍ଷକ ବିଦ୍ୟୁଲତା ବେହେରା, ପ୍ରଭାତ ସାହୁ, ମୋନାଲିସା, ହୃଷିକେଶ ପ୍ରଧାନ ଉପସ୍ଥିତ ଥିଲେ।

## ମହିଳା ନିର୍ଯାତନା, ହିଂସା ରୋକିବାକୁ ପ୍ରୟାସ

### କମଳା ଦିବସ ପାଳିତ

ଦାରିଙ୍ଗବାଡ଼ି,୨୫।୧୧ (ଅରୁଣ ସାହୁ)

କାନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ୍ ଜାଗୃତି କାର୍ଯ୍ୟାଳୟରେ ସୋମବାର କମଳା ଦିବସ ପାଳନ ହୋଇଯାଇଛି। ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟଙ୍କ ଅଧ୍ୟକ୍ଷତାରେ ବ୍ରହ୍ମପୁର ମହିଳା ବିକାଶ ପ୍ରତିଷ୍ଠାନର ସମ୍ପାଦିକା ମିନତୀ ପାଢ଼ୀ, ଦାରିଙ୍ଗବାଡ଼ି ଥାନାର ମହିଳା ଏସ୍‌ଆଇ ବାସନ୍ତି ବେହେରା, ସମାଜସେବୀ ନଟ ଭାଇ, ପ୍ରେରଣା ଦିଦି ନୟମୀ ପ୍ରଧାନ, ଜୀବିକା ମିଶନର ବିପିଏମ ପିଣ୍ଟୁ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଜାଗୃତିର ଶକ୍ତି ପ୍ରକଳ୍ପ ପକ୍ଷରୁ ପରିଚାଳନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହିଳାଙ୍କୁ ସଚେତନ କରାଯାଇଥିଲା। ହିଂସା ମହିଳାମାନଙ୍କ ଶାରୀରିକ, ମାନସିକ ଏବଂ ଆର୍ଥିକ ସ୍ୱାଧୀନତାକୁ କ୍ଷୁଣ୍ଣ କରିଥାଏ। ସେହିପରି ମହିଳା ଓ ଶିଶୁ କନ୍ୟା ପ୍ରତି ହେଉଥିବା ହିଂସା ବନ୍ଦ କରି ଏକ ହିଂସାମୁକ୍ତ ଓ ଉନ୍ନତ ସମାଜ ଗଠନ ପାଇଁ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ଦୁଇ ଜଣ ମହିଳା ସରୋଜିନୀ ପ୍ରଧାନ ଏବଂ ଚନ୍ଦ୍ରମା ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି କେରୁବାଡ଼ି ଗ୍ରାମର ସନ୍ଧ୍ୟାରାଣୀ ନାୟକଙ୍କୁ ସମ୍ମାନିତ କରାଯାଇଥିଲା।

# ଚିକିଟି କଲେଜ ଟିମ୍ ଚାମ୍ପିୟନ

### ଆନ୍ତଃ ମହାବିଦ୍ୟାଳୟ ଖୋ-ଖୋ ପ୍ରତିଯୋଗିତା


କୃତୀ ପ୍ରତିଯୋଗୀଙ୍କ ସହ ଅତିଥି ।

ଜି.ଉଦୟଗିରି,୨୫।୧୧(ଶିଶିର ପଟ୍ଟନାୟକ):

ଜି.ଉଦୟଗିରି କଳିଙ୍ଗ ମହାବିଦ୍ୟାଳୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ୧୦ମ ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ଖୋ–ଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଦୁଇଦିନିଆ ଏହି ପ୍ରତିଯୋଗିତାକୁ କଳିଙ୍ଗ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଧାଂଶୁ ଶେଖର ମେହେର ଉଦଘାଟନ କରିଥିଲେ। ଏଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ୧୪ଟି ମହାବିଦ୍ୟାଳୟର ୨୦୦ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଫାଇନାଲରେ ଗଞ୍ଜାମ ଜିଲା ଚିକିଟି ମହାବିଦ୍ୟାଳୟ ଓ ଗଜପତି ଜିଲାର ଗୁରାଣ୍ଡିସ୍ଥିତ ମୀନକେତନ ମହାବିଦ୍ୟାଳୟ ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା। ଚିକିଟି ମହାବିଦ୍ୟାଳୟ ଚାମ୍ପିୟନ ହୋଇଛି। ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ତହସିଲଦାର ରଞ୍ଜନ କୁମାର ସାହୁ, ସମ୍ମାନିତ ଅତିଥି ଭାବରେ ପରିଚାଳନା କମିଟି ସଭାପତି ବଳରାମ ସାହୁ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ତରଫରୁ ପରିଦର୍ଶକ ଭାବେ ରାଜେଶ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାକୁ ସରୋଜ କୁମାର ପାଢ଼ୀ, କେ.ରଘୁନାଥ ରେଡ଼ି, କେ.ଶ୍ରୀନିବାସ ଦୋରା, ପ୍ରଣୟ ରଞ୍ଜନ ଦାସ ଏବଂ ସନ୍ତୋଷ କୁମାର ବିଷୋୟୀ ପରିଚାଳନା କରିଥିଲେ। ମହାବିଦ୍ୟାଳୟ କ୍ରୀଡା ଶିକ୍ଷକ ସରୋଜ କୁମାର ଦାଶ, କ୍ରୀଡା ସଂସଦ ଉପ ସଭାପତି ଆବେଦ୍ ମଣ୍ଡଳ, ସହ ସଭାପତି ସଂଗ୍ରାମ କେଶରୀ ପଣ୍ଡା ଏବଂ ସମସ୍ତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

# ଠିକ୍ ତଥ୍ୟ, ସିସି କ୍ୟାମେରା ଓ ଉତ୍ତମ ବ୍ୟବହାରକୁ ଗୁରୁତ୍ୱ


ବୈଠକରେ ହୋଟେଲ ମାଲିକମାନଙ୍କ ସହ ଆଇଆଇସି ଆଲୋଚନା କରୁଛନ୍ତି ।

ଦାରିଙ୍ଗବାଡି, ୨୫।୧୧ (ଅରୁଣ ସାହୁ)

କାନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନାରେ ନୂତନ ଭାବେ ଥାନାରେ ଦାୟିତ୍ୱ ଗ୍ରହଣ କରିଥିବା ଆଇଆଇସି ଅଶୋକ କୁମାର ହାଁସଦା ରବିବାର ହୋଟେଲ ସଂଘ କର୍ମକର୍ତ୍ତାଙ୍କୁ ନେଇ ଥାନା ପରିସରରେ ବୈଠକ କରିଥିଲେ। ସଂଘ ସଭାପତି ଗିରିଶ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ସଂଘ ସଦସ୍ୟମାନେ ଏଥିରେ ଯୋଗ ଦେଇଥିଲେ। ହୋଟେଲକୁ ସ୍ୱଚ୍ଛ ରଖିବା ସହ ଗ୍ରାହକଙ୍କୁ ଉତ୍ତମ ସେବା ଓ ବ୍ୟବହାର, ହୋଟେଲ ବୁକିଂରେ ସ୍ୱଚ୍ଛତା ରଖିବା, ହୋଟେଲର ନିୟମଗୁଡ଼ିକ ସମ୍ପର୍କରେ ଗ୍ରାହକଙ୍କୁ ପୂର୍ବରୁ ଅବଗତ କରାଇବା, ସନ୍ଦିଗ୍ଧ ବ୍ୟକ୍ତିଙ୍କ ଚିହ୍ନଟ ଓ ତଥ୍ୟ ପୋଲିସକୁ ତୁରନ୍ତ ଜଣାଇବା, ସେମାନଙ୍କୁ ହୋଟେଲରେ ନ ରଖିବା, ହୋଟେଲରେ ରାତ୍ରିଯାପନ କରୁଥିବା ସମସ୍ତ ଗ୍ରାହକଙ୍କ ତଥ୍ୟ ସକାଳ ୧୦ଟା ସୁଦ୍ଧା ପୋଲିସକୁ ଦେବା, କୌଣସି ପର୍ଯ୍ୟଟକ ଦାରିଙ୍ଗବାଡି ଆସି ହୋଟେଲରେ ରାତ୍ରିଯାପନ କଲେ ସେମାନେ ଯେଭଳି ହଇରାଣ ନ ହୁଅନ୍ତି, ଅସାମାଜିକ ବ୍ୟକ୍ତି ଯେପରି ହୋଟେଲରେ ନ ରୁହନ୍ତି ସେଥିପ୍ରତି ଧ୍ୟାନ ଦେବା, ସିସି କ୍ୟାମେରା ଠିକ୍ ଭାବେ କାର୍ଯ୍ୟକ୍ଷମ କରିବାକୁ ଆଇଆଇଆସି ସଂଘ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ଯେଉଁ ହୋଟେଲ ମାଲିକମାନେ ବୈଠକରେ ଯୋଗ ଦେଇ ନ ଥିଲେ ସେମାନଙ୍କୁ ଆଇଆଇଆସି ଫୋନ୍ ଯୋଗେ ପଚାରିବା ସହ ବୈଠକର ଆଲୋଚନା ସମ୍ପର୍କରେ ଅବଗତ କରାଇଥିଲେ।

# ଜମିବାଡ଼ିର ବେଞ୍ଚମାର୍କ ମୂଲ୍ୟାୟନ ଦର ସଂଶୋଧନ ଦାବି



ଖବରଦାତା ସମ୍ମିଳନୀରେ ସଂଘ କର୍ମକର୍ତ୍ତା ସୂଚନା ଦେଉଛନ୍ତି।

ପାରଳାଖେମୁଣ୍ଡି,୨୫।୧୧(ଗିରିଧାରୀ ପରିଚ୍ଛା)

ଗଜପତି ଜିଲାରେ ଜମିବାଡି ବେଞ୍ଚ ମାର୍କର ଅତ୍ୟଧିକ ମୂଲ୍ୟାୟନକୁ ନେଇ ଅସନ୍ତୋଷ ବ୍ୟାପିବାରେ ଲାଗିଛି । ଏନେଇ ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପାରଳାଖେମୁଣ୍ଡି ଶାଖା ପକ୍ଷରୁ ସ୍ଥାନୀୟ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ସୋମବାର ଖବରଦାତା ସମ୍ମିଳନୀ କରି ଏହାର ପ୍ରତିବାଦ କରାଯାଇଛି। ଅବସରପ୍ରାପ୍ତ ପ୍ରଶାସକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଗଜପତି ଜିଲାର ଜମିବାଡିର ବେଞ୍ଚମାର୍କ ମୂଲ୍ୟାୟନ ସମଗ୍ର ରାଜ୍ୟ ନୁହେଁ ଏପରିକି ଦେଶର ବଡ ବଡ ବାଣିଜ୍ୟିକ ସହରର ମୂଲ୍ୟଠାରୁ ଯଥେଷ୍ଟ ଅଧିକ ରହୁଛି ବୋଲି ଅଭିଯୋଗ କରିଥିଲେ। ବେଞ୍ଚ ମାର୍କ ମୂଲ୍ୟାୟନ କମିଟିରେ ଥିବା ସ୍ଥାନୀୟ ପ୍ରତିନିଧିଙ୍କ ଶାରୀରିକ ଅକ୍ଷମତା ଓ ଅନୁପସ୍ଥିତିରେ ଫାଇଦା ଉଠାଇ କାର୍ଯ୍ୟାଳୟରେ ସରକାରୀ ଅଧିକାରୀମାନେ ମନଇଚ୍ଛା ଜମିବାଡିଗୁଡିକର ବେଞ୍ଚମାର୍କ ମୂଲ୍ୟ ବହୁ ଅଧିକ ରଖୁଛନ୍ତି। ଏହାର ଉଦାହରଣ ଦେଇ ମହାପାତ୍ର କହିଥିଲେ, ଭୁବନେଶ୍ୱରର ସତ୍ୟନଗର ଓ ମାଷ୍ଟର କ୍ୟାଣ୍ଟିନ ବ୍ୟବସାୟିକ ଅଞ୍ଚଳଗୁଡିକରେ ବେଞ୍ଚମାର୍କମୂଲ୍ୟାୟନ ଏକର ପିଛା ୧୭କୋଟି୬୦ଲକ୍ଷ, କଟକ ଚାନ୍ଦିଚୌକ, ହାଇକୋର୍ଟ ଅଞ୍ଚଳରେ ୧୦କୋଟି, ବ୍ରହ୍ମପୁରର ଅନ୍ନପୂର୍ଣ୍ଣା ମାର୍କେଟ ଅଞ୍ଚଳରେ ୨୫ କୋଟି, ସମ୍ବଲପୁରର ଦାନିପାଲି ଓ ଅଇଁଠାପାଲି ଅଞ୍ଚଳରେ ୮କୋଟି ୧୩ଲକ୍ଷ ୧୨ହଜାର ଟଙ୍କା ରହିଛି। ସେହିପରି ତେଲଙ୍ଗାନା ହାଇଦ୍ରାବାଦର ବଞ୍ଜାରାହିଲ ଅଞ୍ଚଳରେ ଏକର ପିଛା ୩୧ କୋଟି ୧୬ଲକ୍ଷ ୯୬ ହଜାର ଟଙ୍କା ରହିଛି । ମାତ୍ର ପାରଳାଖେମୁଣ୍ଡି ପୌର ପରିଷଦର ବିଭିନ୍ନ ୱାର୍ଡରେ ବେଞ୍ଚମାର୍କ ମୂଲ୍ୟ ସର୍ବନିମ୍ନ ୧୧କୋଟି ୯୦ ଲକ୍ଷ ୫ହଜାର ୯୨୦ ଟଙ୍କାରୁ ଆରମ୍ଭ କରି ୬୦ କୋଟି ୯୮ଲକ୍ଷ ୪୦ ହଜାର ଟଙ୍କା ରହିଛି । ଏହାଦ୍ୱାରା ସ୍ଥାନୀୟ ଜନସାଧାରଣ ନିଜ ନିଜର ଜମିଜମା କିଣାବିକା, ହସ୍ତାନ୍ତର କରିବା ଆଦି କଷ୍ଟକର ହୋଇପଡିଛି। ଲୋକଙ୍କ ଭୂସମ୍ପତ୍ତି ଥାଇ ମଧ୍ୟ ପିଲାମାନଙ୍କ ପାଠପଢ଼ା ଓ ଅନ୍ୟାନ୍ୟ ଜରୁରୀ କାର୍ଯ୍ୟ ସକାଶେ ଏଥିରୁ ଆବଶ୍ୟକ ଅର୍ଥ ଯୋଗାଡ କରିପାରୁନାହାନ୍ତି। ସ୍ଥାନୀୟ ଅଫିସରମାନେ ମନଇଚ୍ଛା ଜମିବାଡିର ବେଞ୍ଚମାର୍କ କରିଛନ୍ତି। ଏହି ଧାର୍ଯ୍ୟ ବେଞ୍ଚମାର୍କ ମୂଲ୍ୟାୟନ ୨୦୨୪–୨୬କୁ ରଦ୍ଦ କରି ପୁନଃ ମୂଲ୍ୟାୟନ କରିବାକୁ ସଂଘ ଦାବି କରିଛି। ଯଦି ଏଥିପ୍ରତି ପ୍ରଶାସନ ଦୃଷ୍ଟି ନ ଦିଏ ଜିଲାରେ ଯେଉଁ ଜନ ଅସନ୍ତୋଷ ସୃଷ୍ଟି ହେବ ଏଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ଚେତାବନୀ ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଅବସରପ୍ରାପ୍ତ ପ୍ରଶାସକ ଅଶ୍ୱିନୀ ପାଢ଼ୀ, ଆଶାଲତା ପାଣିଗ୍ରାହୀ, ଅବସରପ୍ରାପ୍ତ କର୍ମଚାରୀ ସୁରେଶ ବେହେରା ଉପସ୍ଥିତ ଥିଲେ ।

## ଲିଙ୍କରେ କ୍ଲିକ୍ କରି ଟଙ୍କା ହରାଇଲେ ପ୍ରଧାନଶିକ୍ଷକ

ବ୍ରହ୍ମପୁର,(ସୁବାସ ଚନ୍ଦ୍ର ପାଢ଼ୀ)ମୋବାଇଲକୁ ଆସିଥିବା ଏକ ଲିଙ୍କରେ କ୍ଲିକ କରି ନିଜ ଆକାଉଣ୍ଟରୁ ୫୬ ହଜାର ୫୦୦ ଟଙ୍କା ହରାଇଛନ୍ତି ଜଣେ ପ୍ରଧାନ ଶିକ୍ଷକ। ବ୍ରହ୍ମପୁରରେ ରହୁଥିବା ପୁରୁଷୋତ୍ତମପୁର ବ୍ଲକର ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ମୋବାଇଲର ହ୍ୱାଟସଆପକୁ କିଛିଦିନ ତଳେ ଏକ ମେସେଜ ଆସିଥିଲା। ସେହି ମେସେଜ ସହ ଏକ ଲିଙ୍କ ମଧ ଆସିଥିଲା। ଉକ୍ତ ମେସେଜ କ୍ଲିକ୍ କରି ପ୍ରଧାନ ଶିକ୍ଷକ ଜଣଙ୍କ ନିଜର ଆଇଡି ଓ ପାସୱାର୍ଡ ଦାଖଲ କରିବାର କିଛି ସମୟ ପରେ ତାଙ୍କ ଆକାଉଣ୍ଟରୁ ଟଙ୍କା କଟି ଯାଇଥିବା ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି।

**ସଂକ୍ଷେପରେ**

### ଆମ୍ବପୁଆ ନାଏବ ସରପଞ୍ଚଙ୍କୁ ସରପଞ୍ଚ ଦାୟିତ୍ୱ

ବେଲଗୁଣ୍ଠା,୨୫।୧୧(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ଅନାସ୍ଥା ଭୋଟ୍‌ରେ ବେଲଗୁଣ୍ଠା ବ୍ଲକ୍ ଆମ୍ବପୁଆ ପଞ୍ଚାୟତ ପୂର୍ବତନ ସରପଞ୍ଚ ନଳିନୀ ବେହେରା ପଦବୀ ହରାଇବା ପରେ ସୋମବାର ଆମ୍ବପୁଆ ପଞ୍ଚାୟତର ନାଏବ ସରପଞ୍ଚ ଶିବ ଶଙ୍କର ସେଠୀ ସରପଞ୍ଚ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପଦବୀ ଗ୍ରହଣ ପରେ ପଞ୍ଚାୟତର ରାସ୍ତାଘାଟ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ, ଆଦର୍ଶ ଗୁହାଳ ନିର୍ମାଣ ଭଳି କାର୍ଯ୍ୟକ୍ରମକୁ ସେ ତ୍ୱରାନ୍ୱିତ କରିବେ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ବିଏଫଟି ରୀତାଞ୍ଜଳି ପରିଡ଼ା, ପିଇଓ ସର୍ଯ୍ୟନାରାୟଣ ସାହୁ, ଏଡ଼ିଇଓ ସରୋଜ ନାୟକ, ସମସ୍ତ ୱାର୍ଡ୍ ସଭ୍ୟ, ଭାଜପା ଯୁବ ମୋର୍ଚ୍ଚା ସଭାପତି କୃଷ୍ଣଚନ୍ଦ୍ର ସାହୁ, ପଞ୍ଚାୟତ ସଭାପତି ସୁଜିତ୍ ବାରିକ୍, ପୂର୍ବତନ ସମିତିସଭ୍ୟ କଂଗ୍ରେସ୍ ରାଉତ, ପୂର୍ବତନ ଜିଲା ପରିଷଦ ସଭ୍ୟ ଗୋବର୍ଦ୍ଧନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଗଞ୍ଜେଇ ଚାଷ ନଷ୍ଟ କଲା ପୋଲିସ ଓ ଅବକାରୀ ଟିମ୍

ଦିଗପହଣ୍ଡି/ପାଟପୁର,୨୫।୧୧(ଅଶେଷ ନାଥ ମିଶ୍ର/ସିମାଞ୍ଚଳ ସାହୁ)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଟି.ଗୋବିନ୍ଦପୁର ପଞ୍ଚାୟତ ଦାମପୁର, କନ୍ଧ ଜକର ଏବଂ ବୋରେଇ ପାହାଡ ଗ୍ରାମ ସଂଲଗ୍ନ ଦୁର୍ଗମ ଜଙ୍ଗଲରେ ପୋଲିସ ଓ ଅବକାରୀ ବିଭାଗ ସୋମବାର ଚଢ଼ାଉ କରି ପ୍ରାୟ ୨୦ଏକରରୁ ଉର୍ଦ୍ଧ୍ୱ ଜମିରେ ଲଗାଯାଇଥିବା ପ୍ରାୟ ୨୨ ହଜାର ଗଞ୍ଜେଇ ଗଛ ନଷ୍ଟ କରିଛନ୍ତି। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୨କୋଟି ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଆସିକା ଏସ୍‌ଡିପିଓ ଗିରିଜା ନନ୍ଦନ ପଟ୍ଟନାୟକଙ୍କ ନେତୃତ୍ୱରେ ପାଟପୁର ଥାନା ଆଇଆଇସି ସବ୍ୟସାଚୀ ମଲ୍ଲ ଏବଂ ଦିଗପହଣ୍ଡି ଅବକାରୀ ଓଆଇସି ଅନୀତା ପ୍ରଧାନଙ୍କ ମିଳିତ ତତ୍ତ୍ୱାବଧାନରେ ଶେରଗଡ଼ ଥାନା ଆଇଆଇସି ନରେନ୍ଦ୍ର ସିଆଳ, ବଡଗଡ ଥାନା ଆଇଆଇସି ସନ୍ତୋଷ କୁମାର ବେହେରା, କୋଦିନ୍ଦା ଥାନା ଆଇଆଇସି କୃଷ୍ଣ ଚନ୍ଦ୍ର ସାହା, ବେଲ ଗାଁ ଥାନା ଆଇଆଇସି ସ୍ମିତାଞ୍ଜଳି ପ୍ରଧାନଙ୍କ ସମେତ ୨ ପ୍ଲାଟୁନ ଫୋର୍ସ ଏବଂ ଦିଗପହଣ୍ଡି ଅବକାରୀ ଥାନାର କର୍ମଚାରୀ ସହଯୋଗ କରିଥିଲେ। ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକଙ୍କ ଉପସ୍ଥିତିରେ ୨ଟି ଟିମ ଗଠନ କରାଯାଇ ଅପରେସନ ଗ୍ରୀନ କ୍ଲିନ ଆରମ୍ଭ କରାଯାଇଥିଲା। ଅପରାହ୍ନ ପ୍ରାୟ ୪ଟା ଯାଏଁ ପୋଲିସ ଓ ଅବକାରୀ ଟିମ ମିଳିତ ଭାବେ ୪ ପାହାଡ଼ ସଂଲଗ୍ନ ଦୁର୍ଗମ ଜଙ୍ଗଲରେ ଚାଷ କରାଯାଇଥିବା ଗଞ୍ଜେଇ ଗଛ ଗୁଡ଼ିକୁ ନଷ୍ଟ କରିଥିଲେ। ଗଞ୍ଜାମ ଓ ଗଜପତି ସୀମାନ୍ତରେ ଥିବା ଉକ୍ତ ଅଞ୍ଚଳରେ କିଛି ଗଞ୍ଜେଇ ବ୍ୟବସାୟୀ ସ୍ଥାନୀୟ ଅନୁସୂଚିତ ଜନଜାତିର ଗ୍ରାମବାସୀଙ୍କୁ ବିଭିନ୍ନ ଉପାୟରେ ପ୍ରଲୋଭନ ଦେଖାଇ ଗତ କିଛିବର୍ଷ ହେଲା ସମ୍ପୃକ୍ତ ଅଞ୍ଚଳରେ ବେଆଇନ ଭାବେ ଗଞ୍ଜେଇ ଚାଷ ଚଳାଇଥିବା ଜଣାପଡ଼ିଛି।

ଗୋଇନ୍ଦା ବିଭାଗର ସୂଚନାକୁ ଭିତ୍ତିକରି ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ସମ୍ପୃକ୍ତ ଇଲାକାରେ ମିଳିତ ଚଢ଼ାଉ ପାଇଁ ଉଭୟ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ବୃନ୍ଦ ନିଷ୍ପତ୍ତି ନେଇଥିଲେ। ସେଠାକାର ଗ୍ରାମବାସୀମାନଙ୍କୁ ଗଞ୍ଜେଇ ଚାଷରୁ ନିବୃତ୍ତ ରହିବା ସହ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନାର ଲାଭ ଉଠାଇବା ପାଇଁ ପୋଲିସ ଅଧିକାରୀ ପରାମର୍ଶ ଦେଇଥିଲେ।

# ସୁପାରିକିଲରଙ୍କ ସମେତ ୬ ଜଣଙ୍କୁ ଆଜୀବନ ଜେଲ

- ସୂଚନା ଅଧିକାର କର୍ମୀ ଅଭିମନ୍ୟୁ ହତ୍ୟା ମାମଲା
- ଫେରାର ୨ ଅଭିଯୁକ୍ତଙ୍କୁ ବାନ୍ଧିଲା ପୋଲିସ

ବ୍ରହ୍ମପୁର/ବାଲିଗୁଡ଼ା,୨୫।୧୧(ସୁବାସ ଚନ୍ଦ୍ର ପାଢ଼ୀ/ ସଞ୍ଜୟ କୁମାର ପାଣିଗ୍ରାହୀ):

କନ୍ଧମାଳ ଜିଲା ବାଲିଗୁଡା ଅଞ୍ଚଳର ସୂଚନା ଅଧିକାର କର୍ମୀ ଅଭିମନ୍ୟୁ ପଣ୍ଡାଙ୍କୁ ଗୁଳି କରି ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ବ୍ରହ୍ମପୁର ଜିଲା ଓ ଦୌରାଜଜ୍ ରୂପଶ୍ରୀ ଚୌଧୁରୀ ସୋମବାର ଏହି ମାମଲାରେ ସୁପାରିକିଲରଙ୍କ ସମେତ ୬ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ଲେଖାଏ ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୧ ବର୍ଷ ଜେଲ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାୟ ପ୍ରକାଶ ବେଳେ ଗିରଫ ପରଠାରୁ ଜେଲରେ ଥିବା ୪ ଅଭିଯୁକ୍ତ ଆସିକା ଥାନା ଅନ୍ତର୍ଗତ ହରଡ଼ାପଦର ତାରସିଂର ରାମ ନାରାୟଣ ନାହାକ ଓରଫ ଗୋଲକ(୨୫), ତାଙ୍କ ସହଯୋଗୀ ଖରିଆ ହୁମକୀ ଗ୍ରାମର କାହ୍ନୁ ଚରଣ ସାହୁ (୨୭), କନ୍ଧମାଳ ଜିଲା ସୁନାପଙ୍କାର କେ. ବିଶ୍ୱଜିତ ପାତ୍ର(୪୭) ଓ ସୁପାରିକିଲର ଆସିକା ଏମ.ଜି. ରୋଡ ବଡମୁନୀ ସାହିର ବବୁଲୁ ମୁନୀ (୩୫)ଙ୍କୁ ପୋଲିସ କଡ଼ା ସୁରକ୍ଷାରେ କୋର୍ଟରେ ହାଜର କରିଥିଲା। ଜାମିନରେ ଥିବା ଧରାକୋଟ ଥାନା ଅନ୍ତର୍ଗତ ମୁଣ୍ଡମରେଇର ମୂଳନିବାସୀ ତଥା ଘଟଣାବେଳେ କନ୍ଧମାଳ ଜିଲା ବାଲିଗୁଡା ବନ୍ଧସାହିରେ ରହୁଥିବା ଏସ.ବାଲାଜୀ ପାତ୍ର (୩୪) ଓ ଗଞ୍ଜାମ ଜିଲା ବଡଗଡ ଥାନା ଅନ୍ତର୍ଗତ ବନ୍ଧାଗୁଡାର ମୂଳନିବାସୀ ତଥା ଘଟଣା ବେଳେ ବାଲିଗୁଡା ଥାନା ଅନ୍ତର୍ଗତ ବନ୍ଧାଗୁଡାରେ ରହୁଥିବା ରାସବିହାରୀ ଦାସ (୪୪) କୋର୍ଟରେ ହାଜର ହୋଇ ନ ଥିଲେ। କୋର୍ଟ ଉଭୟଙ୍କ ବିରୋଧରେ ୱାରେଣ୍ଟ ଜାରି କରିଥିଲେ। ପୋଲିସ ସେମାନଙ୍କୁ ବ୍ରହ୍ମପୁରର ଗୋଇଲୁଣ୍ଡିରୁ ୱାରେଣ୍ଟ ବଳରେ ଗିରଫ କରି କୋର୍ଟରେ ହାଜର କରିଥିଲା। ମୋଟ ୨୨ ଜଣଙ୍କ ସାକ୍ଷ୍ୟ ଓ ପୋଲିସର ଚାର୍ଜଶିଟକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ବିଚାରପତି ଉପରୋକ୍ତ ୬ ଜଣଙ୍କୁ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ପବ୍ଲିକ ପ୍ରସିକ୍ୟୁଟର (ପିପି)ତ୍ରିଲୋଚନ ପରିଡା ଏହି ସୂଚନା ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ବାଲିଗୁଡାର ସୂଚନା ଅଧିକାର କର୍ମୀ ତଥା ବ୍ୟବସାୟୀ ଅଭିମନ୍ୟୁଙ୍କୁ ୨୦୧୯ ଡିସେମ୍ବର ୧୦ ତାରିଖ ସକାଳେ ଅଭିଯୁକ୍ତମାନେ ଗୁଳିକରି ହତ୍ୟା କରି ଚମ୍ପଟ ମାରିଥିଲେ। ଏ ନେଇ ଅଭିମନ୍ୟୁଙ୍କ ସମ୍ପର୍କୀୟ ଭାଇ ନିର୍ମଳ ସାହୁ ବାଲିଗୁଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୮୮/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ପରେ ହତ୍ୟା ଅଭିଯୁକ୍ତ ଗୋଲକ, ତାଙ୍କ ସହଯୋଗୀ କାହ୍ନୁ, ଷଡଯନ୍ତ୍ରକାରୀ ଭାବେ କେ.ବିଶ୍ୱଜିତ, ଏସ .ବାଲାଜୀ , ରାସବିହାରୀଙ୍କୁ ୨୦୧୯ ଡିସେମ୍ବର ୨୯ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ସୁପାରିକିଲର ବବୁଲୁଙ୍କୁ ମଧ କୋର୍ଟ ଚାଲାଣ କରିଥିଲା। ଜଗନ୍ନାଥ ମନ୍ଦିର ଜମି ଓ ଘର ଜବରଦଖଲରେ ରଖିଥିବା ଲୋକମାନଙ୍କୁ ଅଭିମନ୍ୟୁ ବିରୋଧ କରୁଥିଲେ। ତେଣୁ ସେଠାକାର କେତେଜଣ ଲୋକ ସୁପାରିକିଲର ଜରିଆରେ ଯୋଜନା କରି ହତ୍ୟା କରିଥିଲେ। ଏହାର ତଦନ୍ତ କରି ପୋଲିସ ସୁଟରଙ୍କ ସମେତ ୬ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ଉପଖଣ୍ଡସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି



ଅଭିଯୋଗ ଶୁଣାଣିରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

ବ୍ରହ୍ମପୁର,୨୫।୧୧(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ଉପଖଣ୍ଡସ୍ତରୀୟ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ଜନ ସମାଧାନ ସୋମବାର ବ୍ରହ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ବ୍ରହ୍ମପୁର ଏସପି ଡା ସର୍ବଣା ବିବେକ ଏମ ଓ ଉପଜିଲାପାଳ ଦୀନା ଦସ୍ତାଗୀର ଯୋଗ ଦେଇଥିଲେ। ୭୬ ଅଭିଯୋଗ ପତ୍ର ଗୃହୀତ ହୋଇଥିଲା। ଏଥିମଧ୍ୟରୁ ୬୬ ବ୍ୟକ୍ତିଗତ ଓ ୧୦ ଗ୍ରାମ ଅଭିଯୋଗ ରହିଥିଲା। ଏଥିସହ ୩ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଜିଲାପାଳ ୮ ଅଭିଯୋଗର ଫଇସଲା କରିଥିଲେ। ଆବେଦନ ଗୁଡିକର ଶୁଣାଣି କରି ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ସମାଧାନ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

## ସରକାରୀ ଚାକିରି ନାଁରେ ୪୦ ଲକ୍ଷ ଠକେଇ

ବ୍ରହ୍ମପୁର,୨୫।୧୧(ସୁବାସ ଚନ୍ଦ୍ର ପାଢ଼ୀ): ସରକାରୀ ଚାକିରି କରାଇ ଦେବାକୁ ପ୍ରତିଶ୍ରୁତି ଦେଇ ଜଣେ ଯୁବକଙ୍କଠାରୁ ୪୦ ଲକ୍ଷ ଟଙ୍କା ଠକେଇ ହୋଇଥିବା ନିମଖଣ୍ଡି ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୩୦୧/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଗଜପତି ଜିଲା କାଶୀନଗର ବ୍ଲକ ଖୁରିଗାଁର ଭେଙ୍କେଟ ରାଓ ଚାକିରି ଖୋଜୁଥିଲେ। ୨୦୨୩ରେ ସେ ବ୍ରହ୍ମପୁର ଲୋଚାପଡା ଶ୍ରୀମାନଗର ୪ର୍ଥ ଲାଇନରେ ରହୁଥିବା ଜଣେ ବ୍ୟକ୍ତିଙ୍କ ସହ ପରିଚିତ ହୋଇଥିଲେ। ବ୍ୟକ୍ତି ଜଣକ ସରକାରୀ ଚାକିରି କରାଇଦେବେ ବୋଲି ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡିବ ବୋଲି କହିବାରୁ ଭେଙ୍କେଟ ତାଙ୍କୁ ବିଭିନ୍ନ ପର୍ଯ୍ୟାୟରେ ୪୦ ଲକ୍ଷ ଟଙ୍କା ଦେଇଥିଲେ। ହେଲେ ବ୍ୟକ୍ତି ଜଣଙ୍କ ଦେଇଥିବା ପ୍ରତିଶ୍ରୁତି ମୁତାବକ ଚାକିରି ନ ମିଳିବାରୁ ଭେଙ୍କେଟ ତାଙ୍କୁ ଟଙ୍କା ଫେରସ୍ତ କରିବାକୁ ବାରମ୍ବାର କହିଥିଲେ । ବ୍ୟକ୍ତି ଜଣଙ୍କ ଧିରେ ଧିରେ ପ୍ରାୟ ୮ ଲକ୍ଷ ଟଙ୍କା ଫେରାଇଥିଲେ। ବଳକା ଟଙ୍କା ମାଗିବାରୁ ସେ କିଛି ଜାଣିନାହିଁ ବୋଲି କହିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ଏହାପରେ ଭେଙ୍କେଟ ନିମଖଣ୍ଡି ଥାନାରେ ଏତଲା ଦେଇଥିଲେ।

## ବ୍ୟବସାୟୀଙ୍କ ୪ଲକ୍ଷ ଟଙ୍କା ଠକିନେଲେ

ବ୍ରହ୍ମପୁର,୨୫।୧୧(ସୁବାସ ଚନ୍ଦ୍ର ପାଢ଼ୀ) ଜିଲାରେ ଗତ ୧୧ ମାସରେ ୨୮ ଜଣଙ୍କ ଲକ୍ଷ ଲକ୍ଷ ଟଙ୍କା ସେମାନେ ଠକିନେଲେଣି ସାଇବର ଠକ। ଏଭଳି ବ୍ରହ୍ମପୁରର ଜଣେ ବ୍ୟବସାୟୀ ପ୍ରାୟ ୪ ଲକ୍ଷ ଟଙ୍କା ଠକେଇର ଶିକାର ହୋଇଛନ୍ତି। ସେ ଏ ନେଇ ବ୍ରହ୍ମପୁର ସାଇବର ଥାନାରେ ଅଭିଯୋଗ କରିବା ପରେ ନଂ. ୨୮/୨୪ରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି । ବ୍ୟବସାୟୀଙ୍କ ନିକଟକୁ କିଛି ଦିନ ତଳେ ଏକ କଲ ଆସିଥିଲା । ଫୋନ କରିଥିବା ବ୍ୟକ୍ତି ଜଣଙ୍କ ବ୍ୟବସାୟୀଙ୍କ ନାଁରେ ମୁମ୍ବାଇକୁ ଏକ ପାର୍ସଲ ଆସିଛି ବୋଲି ଜଣାଇଥିଲେ । ଏହାପରେ ସାଇବର ଠକମାନେ ବ୍ୟବସାୟୀଙ୍କ ନିକଟକୁ ଭିଡିଓ କଲ କରି ତାଙ୍କ ନାମରେ ଉଲ୍ଲେଖ ଥିବା ପାର୍ସଲ ଦେଖାଇବା ସହ ଯଦି ସେ କିଛି ପଦକ୍ଷେପ ନ ନେବେ ତେବେ ତାଙ୍କ ବିରୋଧରେ ମୁମ୍ବାଇ ସାଇବର ସେଲ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଧମକାଇଥିଲେ। ପାର୍ସଲ ମୁକୁଳାଇବାକୁ ମୁମ୍ବାଇ ପୋଲିସର କ୍ଲିୟରାନ୍ସ ଆବଶ୍ୟକ ବୋଲି ସାଇବର ଠକ କହିଥିଲେ । ଭୟରେ ବ୍ୟବସାୟୀ ଜଣକ ପୋଲିସ କ୍ଲିୟରାନ୍ସ ସାର୍ଟିଫିକେଟ ହାତେଇବାକୁ ସାଇବର ଠକଙ୍କ କହିବା ପ୍ରକାରେ ୪ ଥରରେ ମୋଟ ୩ ଲକ୍ଷ ୯୨ ହଜାର ଟଙ୍କା ସେମାନଙ୍କ ଏକାଧିକ ବ୍ୟାଙ୍କ ଆକାଉଣ୍ଟରେ ଜମା କରି ଦେଇଥିଲେ। ଆଉ ଟଙ୍କା ଦେବାକୁ ଧମକାଇବାରୁ ବ୍ୟବସାୟୀ ଜଣକ ଠକେଇର ଶିକାର ହୋଇଥିବା ଜାଣିଥିଲେ।

## ବ୍ରହ୍ମପୁର ସ୍ୱୟଂ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ

### ସହରତଳି କ୍ରିୟାନୁଷ୍ଠାନ କମିଟି ଓ ଓଡିଆ ସ୍ୱାଭିମାନ ଜାଗରଣ ଫେଡେରେଶନର ବୈଠକ

ବ୍ରହ୍ମପୁର,୨୫।୧୧(ସ୍ମୃତି ରଞ୍ଜନ ମହାଲିକ)

ସହରତଳି ଅଂଚଳକୁ ସାମିଲ କରି ପୂର୍ଣ୍ଣାଙ୍ଗ ବ୍ରହ୍ମପୁର ଗଠନ ନେଇ ସରକାର ନୀରବ ଓ ଉଦାସୀନ ବୋଲି ସହରତଳି ମିଳିତ କ୍ରିୟାନୁଷ୍ଠାନ କମିଟି ଅଭିଯୋଗ କରିଛି। ଏ ନେଇ କ୍ରିୟାନୁଷ୍ଠାନ କମିଟି ଓ ଓଡିଆ ସ୍ୱାଭିମାନ ଜାଗରଣ ଫେଡେରେସନ ପକ୍ଷରୁ ଏକ ସ୍ୱତନ୍ତ୍ର ବୈଠକ ସହର ଉପକଣ୍ଠସ୍ଥ ଜଗଦଳପୁର ଗ୍ରାମର ନେତାଜୀ ନଗରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଜଗଦଳପୁର ଗ୍ରାମର ସରପଞ୍ଚ କ୍ରାନ୍ତି କୁମାରୀ ଦେବୀ ଅତିଥି ଥିଲେ। ସହର ସନ୍ନିକଟ ଅଂଚଳକୁ ମହାନଗର ନିଗମରେ ସାମିଲ କରି ମହାନଗର ନିଗମକୁ ୩୦୦ ବର୍ଗ କ୍ଷେତ୍ରଫଳ ବିଶିଷ୍ଟ ପୂର୍ଣ୍ଣାଙ୍ଗ ମହାନଗରରେ ପରିଣତ ପାଇଁ ବର୍ତ୍ତମାନର ସରକାର ପୂର୍ବ ସରକାର ଭଳି ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। କମିଟି ପକ୍ଷରୁ ହାଇକୋର୍ଟରେ ଦାୟର ମାମଲାରେ ହୋଇଥିବା ନୋଟିସର ଜବାବରେ ରାଜ୍ୟ ସରକାର କୋର୍ଟରେ ୩୯ ପୃଷ୍ଠାର ଏକ କାଉଣ୍ଟର ଦାଖଲ କରିଛନ୍ତି। କମିଟି ଏହାର ଜବାବ ରଖିବା ପରେ ଶୁଣାଣି ହେବ ବୋଲି ସଭାପତି ସୂଚନା ଦେଇଥିଲେ। ସହରର ନୂତନ ଭିତ୍ତିଭୂମି ନିର୍ମାଣ ଓ ବିକାଶ କରି ଏକ ସ୍ୱୟଂ ସମ୍ପୂର୍ଣ୍ଣ ସହରରେ ପରିଣତ କରିବା ପର୍ଯ୍ୟନ୍ତ କମିଟି ଲଢେଇ ଜାରି ରଖିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଯାହାକୁ ସରପଂଚ ସମର୍ଥନ କରିବା ସହ ଆଗାମୀ ପଂଚାୟତ ବୈଠକରେ ସହରତଳିକୁ ବିଏମସିରେ ସାମିଲ କରିବା ନେଇ ଆଲୋଚନା ସହ ଏକ ରିଜୋଲ୍ୟୁସନ ପାସ କରିବା ପାଇଁ ପ୍ରୟାସ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ୱାର୍ଡ ମେମ୍ବର ନାରାୟଣ ପ୍ରଧାନ, କମିଟି ସଂପାଦକ ବି ଭି ସାଗର, ସହ ସଂଗଠନ ସଂପାଦକ ଅଜିତ ପଟ୍ଟନାୟକ, ସହ ସଂଯୋଜକ କାହ୍ନୁ ଚରଣ ପତିଙ୍କ ସମେତ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ କମିଟି ଓ ଫେଡେରସନର ସଦସ୍ୟ ବୃନ୍ଦ।

## ସଫେଇ ଏଜେନ୍ସିକୁ କାରଣ ଦର୍ଶାଅ ନୋଟିସ୍

ସୋରଡ଼ା,୨୫।୧୧(ରଜନୀ ମହାପାତ୍ର)

ସୋରଡ଼ାରେ ପରିମଳ ବ୍ୟବସ୍ଥାକୁ ସୁଧାରିବା ପାଇଁ ସଫେଇ କାର୍ଯ୍ୟରେ ନିୟୋଜିତ ଥିବା ଭୁବନେଶ୍ୱରର ନିଶ୍ଚିନ୍ତ ମଲ୍‌ଟିସର୍ଭିସ ପ୍ରାଇଭେଟ ଲିମିଟେଡକୁ କାରଣ ଦର୍ଶାଅ ନୋଟିସେ ପଠାଇଛି ସୋରଡ଼ା ଏନଏସି। ସ୍ଥାନୀୟ ଅଞ୍ଚଳରେ ଦିନକୁ ଦିନ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେଉଥିବା ବେଳେ ଦାୟିତ୍ୱରେ ଥିବା ସଂସ୍ଥାକୁ ଅବଗତ କରାଗଲେ ମଧ କୌଣସି ପଦକ୍ଷେପ ନ ନେବା ଦେଖି ସୋରଡ଼ା ଏନ୍‌ଏସି ତରଫରୁ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ବିଶ୍ୱାଳ କାରଣ ଦର୍ଶାଅ ନୋଟିସ୍ ଜାରିକରିଛି। ଏନ୍‌ଏସି ପତ୍ର ସଂଖ୍ୟା ୧୬୭୨ରେ ସମ୍ପୃକ୍ତ ସଂସ୍ଥା ନିଜ କାର୍ଯ୍ୟରେ ଅବହେଳା ଦେଖାଇବା ସହ ବର୍ଜ୍ୟବସ୍ତୁ ପରିଚାଳନା ଆଇନ ୨୦୧୬କୁ ଉଲଂଘନ କରିଥିବା ଦର୍ଶାଯାଇଛି। ଏନ୍‌ଏସିର ପରିମଳ ବ୍ୟବସ୍ଥା ଭୁବନେଶ୍ୱରର ନିଶ୍ଚିନ୍ତ ମଲ୍‌ଟିସର୍ଭିସ ପ୍ରାଇଭେଟ ଲିମିଟେଡକୁ ଦିଆଯାଇଥିବା ବେଳେ ଏହି ସଂସ୍ଥା ଅବହେଳା କରୁଥିବା ଅଭିଯୋଗ ହୋଇଛି। ଏପରିକି ଏନ୍‌ଏସିର ବିଭିନ୍ନ ସାହି ମାନଙ୍କରେ ହେଉଥିବା ସଫେଇ ଓ ସଂଗୃହିତ ବର୍ଜ୍ୟବସ୍ତୁ ପାଇଁ ଯେଉଁ ରାଜିନାମା କରଯାଇଥିଲା ତାହା ସଠିକ ଭାବେ ପାଳନ କରିବା ପରିବର୍ତ୍ତେ ବ୍ୟାପକ ଅନିୟମିତତା ହେଉଥିବା ସୋରଡ଼ା ଏନଏସି ଅଭିଯୋଗ କରିଛି। ଯଦି ଆଗାମୀ ୧୦ ଦିନ ମଧ୍ୟରେ ସନ୍ତୋଷ ଜନକ ଉତ୍ତର ଦାଖଲ ନ ହେଲେ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି।

## ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ

# ମହିଳାରେ କିଟ୍, ପୁରୁଷରେ କଟକ ବିଜୟୀ

ଆସିକା,୨୫।୧୧(ସୁରେନ୍ଦ୍ର ନାଥ ସାହୁ):

ଗଞ୍ଜାମ ଜିଲା ଆସିକା ହରିହର ହାଇସ୍କୁଲ ମିନିଷ୍ଟାଡିୟମଠାରେ ଗତ ଶୁକ୍ରବାରଠାରୁ ଚାଲିଥିବା ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି । ମହିଳା ବିଭାଗରେ ଭୁବନେଶ୍ୱର କିଟ୍ ଓ ପୁରୁଷ ବିଭାଗରେ କଟକ ଦଳ ବିଜୟୀ ହୋଇଛନ୍ତି। ମହିଳା ବିଭାଗର କିଟ୍ ଭୁବନେଶ୍ୱର ଓଡ଼ିଶା ପୋଲିସ ଦଳକୁ ୩୭-୨୮ ପଏଣ୍ଟରେ ପରାସ୍ତ କରିଥିଲା ବେଳେ ପୁରୁଷ ବିଭାଗରେ କଟକ ଦଳ ଭୁବନେଶ୍ୱର ଦଳକୁ ୩୨-୧୬ ପଏଣ୍ଟରେ ପରାସ୍ତ କରିଛି । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଆସିକା ବିଧାୟକ ସରୋଜ କୁମାର ପାଢୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବିଜୟୀ ଉଭୟ ଦଳକୁ ୨୦ ହଜାର ଟଙ୍କା ସହ ଟ୍ରଫି ଓ ସାଇକେଲ ପ୍ରଦାନ କରିଥିଲେ । ସେହିଭଳି ରନର ଅପ ମହିଳା ବିଭାଗରେ ଓଡ଼ିଶା ପୋଲିସ ଦଳ ଓ ପୁରୁଷ ବିଭାଗର ଭୁବନେଶ୍ୱର ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ଓ ସାଇକେଲ ପ୍ରଦାନ କରିଥିଲେ। ପୁରୀ ଓ ସମ୍ବଲପୁର ଦଳକୁ ତୃତୀୟ ଏବଂ ଚତୁର୍ଥ ଦଳ ରୂପେ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆସିକା ଏନ୍‌ଏସି ଅଧକ୍ଷା ବିନେତା ସ୍ୱାଇଁ, ଉପାଧକ୍ଷା ଜୟନ୍ତୀ ବିଷୋୟୀ, ଏନ୍‌ଏସି ନିର୍ବାହୀ ଅଧିକାରୀ ଲୋକନାଥ ବେଜ, ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ, ଗଞ୍ଜାମ କବାଡି ଆସୋସିଏଶନର କାର୍ଯ୍ୟକାରୀ ସଭାପତି ଶିବ ନାୟକ, ଉପସଭାପତି ସତ୍ୟନାରାୟଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ, ଭୁବନେଶ୍ୱର ଚାମ୍ପିୟନ

ସୋରଡ଼ା,୨୫।୧୧(ରଜନୀ ମହାପାତ୍ର)

ସୋରଡ଼ା ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ଭୁବନେଶ୍ୱର ଚାମ୍ପିୟନ ହୋଇଥିବା ବେଳେ ଅନୁଗୋଳ ରନର ଅପ ହୋଇଛି। ନିର୍ଦ୍ଧାରିତ ତିନୋଟି ସେଟ୍‌ରେ ଭୁବନେଶ୍ୱର ସିଧାସଳଖ ଦୁଇଟି ସେଟ୍‌କୁ ୨୧-୧୯, ୨୬-୨୪ରେ ଅନୁଗୋଳକୁ ପରାସ୍ତ କରି ବିଜୟୀ ହୋଇଛି। ସର୍ବଶ୍ରେଷ୍ଠ ହିଟର ଭାବେ ତନ୍ମୟ ସାହୁ, ସର୍ବଶ୍ରେଷ୍ଠ ଡ୍ରପର ଭାବେ ସରୋଜ ଦୋରା, ଟୁର୍ନାମେଣ୍ଟର ସର୍ବଶ୍ରେଷ୍ଠ ଖେଳାଳି ଭାବେ ଏସ୍ ଚନ୍ଦ୍ରଙ୍କୁ ପୁରସ୍କୃତ କରାଯାଇଛି।




ଫାଇନାଲକୁ ରେଫରି ଭାବେ ଅଚ୍ୟୁତାନନ୍ଦ ଆଚାର୍ଯ୍ୟ ଓ ଶିବ ପ୍ରସାଦ ପାଢ଼ୀ ପରିଚାଳନା କରିଥିଲେ। ଋଷିକୁଲ୍ୟା ବ୍ୟାଡ୍‌ମିଣ୍ଟନ କ୍ଲବ ତରଫରୁ ପ୍ରଥମଥର ପାଇଁ ସୋରଡ଼ା ଇନ୍‌ଡୋର ଷ୍ଟାଡିୟମରେ ରାଜ୍ୟସ୍ତରୀୟ ଏହି ଟୁର୍ନାମେଣ୍ଟର ଆୟୋଜନ କରାଯାଇଛି। କ୍ଲବ ତରଫରୁ ସଭାପତି ଡାକ୍ତର ଆଶିଷ ଖାଡ଼େଙ୍ଗାଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟଙ୍କ ସହଯୋଗରେ ଟୁର୍ନାମେଣ୍ଟର ସଫଳ ଆୟୋଜନ କରାଯାଇଥିଲା।

# ନାରୀ ହିଂସା ବିରୋଧରେ ସମସ୍ତେ ଏକ ହେବା ଦରକାର

ବ୍ରହ୍ମପୁର,୨୫।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ଅନ୍ତର୍ଜାତୀୟ ମହିଳା ହିଂସା ନିରାକରଣ ଦିବସ କାର୍ଯ୍ୟକ୍ରମ ସୋମବାର ଗଞ୍ଜାମ ଜିଲା ପ୍ରଶାସନ,ସଖୀ-ୱାନ ଷ୍ଟପ ସେଣ୍ଟର, ଶକ୍ତି-ସଦନ ନୀଳାଞ୍ଚଳ ନଗର, ଶକ୍ତି-ସଦନ ବାଞ୍ଛାନିଧି ନଗର ଓ ଶକ୍ତି-ସଦନ ଗୋପାଳପୁରର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ଆଇନ ପ୍ରାଧିକରଣ ଅଧକ୍ଷା ଦେବଶ୍ରୀ ସାହୁ, ଅନ୍ୟତମ ଅତିଥି ଭାବେ ବ୍ରହ୍ମପୁର ମହାନଗର ନିଗମ ଅଧକ୍ଷା ସଂଘମିତ୍ରା ଦଳାଇ, ରାଜେଶ୍ୱରୀ ଦୋରା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଜୟ କୁମାର ପଣ୍ଡା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଆବିଧା ପର୍ବିନ, ମାନବ ଅଧିକାର ସଦସ୍ୟ ରବି କୁମାର ମିଶ୍ର, ମହିଳା ସୁରକ୍ଷା ଅଧିକାରୀ ନାଗା ରତ୍ନମ, ଆଇ.ଏସ.ଆର.ଡି. ନିର୍ଦ୍ଦେଶକ ସୁଧୀର ସାବତ, ଜିଲା ସଂଯୋଜକ ଦେବବ୍ରତ ମାହୁନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ନାରୀ ଛଅଟି ସମସ୍ୟା ଦେଇ ଗତି କରୁଛି।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଏହି ସମସ୍ୟା ସମାଧାନ ପାଇଁ ବିଭିନ୍ନ ଆଇନରେ ଥିବା ବିକଳ୍ପକୁ ଉପଯୋଗ କରିବା ପାଇଁ ଆଇ.ଏସ.ଆର.ଡି. ନିର୍ଦ୍ଦେଶକ କହିଥିଲେ। ରାଜେଶ୍ୱରୀ କହିଥିଲେ ଯେ, ନାରୀ ନିଜକୁ ସଚେତନ କରିପାରିଲେ, ନାରୀ ହିଂସାକୁ ରୋକାଯାଇ ପାରିବ। ସେହିପରି ମେୟର ଓ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ପଣ୍ଡା ମଧ ନିଜ ମତ ରଖିଥିଲେ। ଆଇନ ମାନି ଚଳିବାକୁ ଦେବଶ୍ରୀ ସାହୁ କହିଥିଲେ। ଅନୁଶାସନ, ପରମ୍ପରା, ସ୍ନେହ, ସମ୍ମାନ ନାଁ ରେ ଯେଉଁ ହିଂସା ନାରୀ ଉପରେ ହେଉଛି, ତା ବିରୋଧରେ ସମସ୍ତେ ଏକ ହୋଇ ସ୍ୱର ଉଠାଇବା ଦରକାର ବୋଲି ସମାଜ କଲ୍ୟାଣ ଅଧିକାରୀ ଆବିଧା ପର୍ବିନ କହିଥିଲେ। ମାନବ ଅଧିକାର ସଦସ୍ୟ ରବି ମିଶ୍ର ନାରୀ ନିଜେ ଚାହିଁଲେ ସମାଜରୁ ହିଂସା ମୁକ୍ତ ହୋଇପାରିବ ବୋଲି ମତ ରଖିଥିଲେ। ମହିଳା ସୁରକ୍ଷା ଅଧିକାରୀ ନାଗା ରତ୍ନମ ଯୌତୁକ ପ୍ରଥା ଓ ଘରୋଇ ହିଂସା ବିଷୟରେ ଆଲୋଚନା କରିଥିଲେ। ସଖୀ କର୍ମ କର୍ତ୍ତା, ସମସ୍ତ ଶକ୍ତି ସଦନର କର୍ମକର୍ତ୍ତା, ଆଇ.ସି.ଡି.ସି.ର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। କଲେଜ ଉପାଧକ୍ଷ ଡ଼କ୍ଟର ଦୁର୍ଗାମାଧବ ସତପଥି ଓ ନିରଞ୍ଜନ ବେହେରା, ମହିଳା ଥାନା ଅଧିକାରୀ ଅନିତା ସାହୁ ପ୍ରମୁଖ ଯୋଗଦେଇଥିଲେ।

## କପିଳେଶ୍ୱର ଦାସ ସ୍ମୃତି ସମ୍ମାନ ପ୍ରଦାନ ସମାରୋହ

ବ୍ରହ୍ମପୁର,୨୫।୧୧(ସ୍ମୃତି ରଞ୍ଜନ ମହାଲିକ)

କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ କପିଳେଶ୍ୱର ଦାସ ସ୍ମାରକୀ ବକ୍ତୃତା ଓ ସ୍ମୃତି ସମ୍ମାନ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିତ୍ୟ ସମାଜ ସଭାପତି ଡ ସିଦ୍ଧାର୍ଥ ଶଙ୍କର ପାଢି ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ରୂପେ ଗବେଷକ ଡ ଲମ୍ବୋଦର ପାଣିଗ୍ରାହୀ ଯୋଗଦେଇ କପିଳେଶ୍ୱରଙ୍କ ପ୍ରବନ୍ଧ ବିଷୟରେ ଆଲୋଚନା କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଗଣେଶ୍ୱର ଦାସ ପିତାଙ୍କ ଶୃଙ୍ଖଳାନିଷ୍ଠ ଜୀବନ ସଂପର୍କରେ କହିଥିଲେ। ଆଲୋଚକ ଡ ହୃଷୀକେଶ ନାୟକଙ୍କୁ କପିଳେଶ୍ୱର ଦାସ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ପୋଲସରା କଲେଜ ଓଡିଆ ବିଭାଗ ମୁଖ୍ୟ ଡ ଜ୍ୟୋତ୍ସ୍ନାରାଣୀ ପଟ୍ଟନାୟକଙ୍କ ଦ୍ୱାରା ଲିଖିତ 'ସାହିତ୍ୟିକ କପିଳେଶ୍ୱର ଦାସ' ଶୀର୍ଷକ ସ୍ମୃତି ପୁସ୍ତିକା ଲୋକାର୍ପିତ ହୋଇଥିଲା। କାର୍ଯ୍ୟକାରୀ ସମିତି ସଦସ୍ୟ ଡ କୁଳମଣି ଓଝା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉପସଭାପତି ଡ ବନମାଳୀ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ଦୀନବନ୍ଧୁ ଶ୍ରୀପଲ୍ଲବଙ୍କ ସମେତ ନଳିନୀକାନ୍ତ ଗୌଡ ସହଯୋଗ କରିଥିଲେ।

## ଚାନ୍ଦା ଆଦାୟ କରି କନିଷ୍ଠ ଏମ୍‌ଭିଆଇଙ୍କ ସହ ୪ ଧରାପଡିଲେ, ତଦନ୍ତ ଜାରି

**ଭାଇରାଲ ଭିଡିଓ ମୁଖା ଖୋଲିଲା**

ଗୋପାଳପୁର,୨୫।୧୧(ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ୧୬ ନଂ ଜାତୀୟ ରାଜପଥ କଡ଼ରେ ପରିବହନ ବିଭାଗର ଜଣେ କନିଷ୍ଠ ଏମଭିଆଇ ଓ କେତେ ଜଣ ଯୁବକ ଯାଞ୍ଚ ଆଳରେ ଚାନ୍ଦା ଆଦାୟ କରିବା ସେମାନଙ୍କ ପାଇଁ ମହଙ୍ଗା ପଡିଛି। ଗୋଳନ୍ଥରା ପୋଲିସ ଏମ୍‌ଭିଆଇ ଓ ୩ ଜଣ ଯୁବକଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ ସୋମବାର ରାତିରେ ଏସ୍‌ପି ଡା. ସର୍ବଣା ବିବେକ ଏମ୍ ସମ୍ପୃକ୍ତ ୪ ଜଣଙ୍କୁ ଜେରା କରିଛନ୍ତି।

ଖବରରୁ ପ୍ରକାଶ, ଗୋଳନ୍ଥରା ଥାନା ଅଧୀନରେ ଗିରିସୋଲାଠାରୁ ଭାଲିଆଗଡ଼ ମଧ୍ୟରେ ଜିଲାର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର କନିଷ୍ଠ ଏମ୍‌ଭିଆଇ ଓ ସ୍ଥାନୀୟ ଯୁବକମାନେ ମିଳିତ ହୋଇ ୧୬ ନଂ. ଜାତୀୟ ରାଜପଥର ଯାତାୟାତ କରୁଥିବା ଟ୍ରକ, ଟ୍ରେଲର ଓ ଅନ୍ୟ ଓଭର ଲୋଡିଂ ଗାଡିଗୁଡିକ ଯାଞ୍ଚ କରି ଜରିମାନା କରି ରସିଦ କାଟି ଗାଡି ଛାଡିବା କିମ୍ବା ଜବତ କରିବା ନିୟମ ଥିବା ବେଳେ ଏହା ନ କରି ଯାଞ୍ଚ ଆଳରେ ଗାଡ଼ିଗୁଡିକରୁ ଜୋରକରି ଟଙ୍କା ଆଦାୟ କରୁଥିବା ନେଇ ଗତ ୫ ଦିନ ତଳେ ସାମାଜିକ ଗଣମାଧ୍ୟମରେ ଏକ ଭିଡ଼ିଓ ଭାଇରଲ ହୋଇଥିଲା। ଏ ସମ୍ପର୍କରେ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ଜାଣିବା ପରେ ଘଟଣାକୁ ଗୁରୁତର ସହ ନେଇ ଅନୁସନ୍ଧାନ ଆରମ୍ଭ କରିଥିଲେ। ରବିବାର ଗିରିସୋଲାଠାରୁ ସୋରଳ ରୋଡ଼ ମଧ୍ୟରେ ପରିବହନ ବିଭାଗର ଅଧିକାରୀ ଓ କେତେ ଜଣ ଯୁବକ ଗାଡିଗୁଡ଼ିକୁ ଯାଞ୍ଚ କରି ଟଙ୍କା ଆଦାୟ କରୁଥିବା ନେଇ ପୋଲିସ ସୂଚନା ପାଇଥିଲା। ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ସେଠାକୁ ଯାଇ ଅନୁସନ୍ଧାନ କରିବା ପରେ ସେମାନଙ୍କୁ କାବୁ କରିଥିଲା। ସେମାନଙ୍କ ମଧ୍ୟରେ ଜଣେ କନିଷ୍ଠ ଏମ୍‌ଭିଆଇ, ଏବଂ ୩ଜଣ ଯୁବକ ଅଛନ୍ତି। ସମସ୍ତଙ୍କୁ ପୋଲିସ ଗୋଳନ୍ଥରା ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି। ରବିବାର ରାତିରେ ବ୍ରହ୍ମପୁର ଏସ୍‌ପି ଥାନାରେ ପହଞ୍ଚି ଏମଭିଆଇ ଓ ଯୁବକମାନଙ୍କୁ ପୃଥକ ପୃଥକ ଭାବେ ପଚରାଉଚରା କରିଥିଲେ। ଏହି ଘଟଣାରେ ଆଉ କେଉଁ କେଉଁ ଅଧିକାରୀମାନଙ୍କ ସମ୍ପୃକ୍ତି ରହିଛି ଓ କିଏ ମାଷ୍ଟର ମାଇଣ୍ଡ ରହିଛି ପୋଲିସ ତାହାର ଖୋଳତାଡ କରୁଛି। ଖବର ଲେଖା ହେବା ସୁଦ୍ଧା ଥାନାରେ କୋଣସି ମାମଲା ରୁଜୁ ହୋଇନାହିଁ। ସୂଚନାଯୋଗ୍ୟ, ଗତ କିଛି ବର୍ଷ ହେଲା ୧୬ ନଂ ଜାତୀୟ ରାଜପଥ ଗିରିସୋଲା ଠାରୁ ଜଗନ୍ନାଥପୁର ମଧ୍ୟରେ ରାସ୍ତାରେ ପରିବହନ ବିଭାଗର ଅଧିକାରୀମାନେ ସ୍ଥାନୀୟ ଯୁବକଙ୍କୁ ଧରି ଗାଡିଗୁଡ଼ିକୁ ଯାଞ୍ଚ ଆଳରେ ଜୋର ଜବରଦସ୍ତ ଟଙ୍କା ମାଗିଥାନ୍ତି। କେହି ନ ଦେଲେ ଚାଳକମାନଙ୍କଠାରୁ କାଗଜପତ୍ର ନେଇ ତାଙ୍କ ହଇରାଣ କରିଥାନ୍ତି। ଏନେଇ ଅନେକ ଥର ପରିବହନ ବିଭାଗ ଉଚ୍ଚ ଅଧିକାରୀଙ୍କ ନିକଟରେ ଅଭିଯୋଗ ହେଲେ ମଧ କୋଣସି ପ୍ରକାରେ କାର୍ଯ୍ୟାନୁଷ୍ଠାନ ହୋଇନାହିଁ।

